## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗ: ଜଣେ ଗିରଫ

**ବାସୁଦେବପୁର, ୧୬।୧୦ (ଡି.ଏନ.ଏ.):** ବାସୁଦେବପୁରସ୍ଥିତ ବଂଶୀପାଟଣା ଗ୍ରାମରେ ଥିବା କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଅନାଦି ଚରଣ ବେହେରା ନାମକ ଜଣେ କର୍ମଚାରୀଙ୍କୁ ଚାକିରି ସ୍ଥାୟୀ କରାଇଦେବା ନାଁରେ ୪ ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି। ଅନାଦିଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ମାମଲା(ନଂ.୩୨୭/୧୯) ରୁଜୁ କରାଯାଇଛି। ପୋଲିସ ଉକ୍ତ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ସଭାପତି ସରୋଜ ନାୟକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସରୋଜଙ୍କ ଘର ବାସୁଦେବପୁର ପୌରପାଳିକାର ସୁରେଶ୍ୱରପୁର ଗ୍ରାମରେ। ଅନାଦି ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉକ୍ତ ମହାବିଦ୍ୟାଳୟର କିରାଣି ଭାବେ ୨୦୦୭ ଏପ୍ରିଲ ୨୬ରେ ଚିଠି ନଂ.୧୦୩/୦୭ରେ ତାଙ୍କୁ ନିଯୁକ୍ତି ମିଳିଥିଲା। ସେ ପରଦିନ ଏପ୍ରିଲ ୨୭ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏହି ପଦରୁ ବାହାର କରାଯାଇ ଅନ୍ୟ ଜଣେ ଯୁବତୀଙ୍କୁ ଅବସ୍ଥାପିତ କରାଯାଇଥିଲା। ତାଙ୍କୁ ଏହି ପଦବୀରୁ ବାଦ୍ ଦିଆଯିବା କ୍ଷେତ୍ରରେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଓ ତତ୍କାଳୀନ ସଭାପତି ସରୋଜଙ୍କ ଭୂମିକା ଥିବା ସେ ଜାଣିବାକୁ ପାଇଥିଲେ। ଏହି ପଦବୀରେ ତାଙ୍କୁ ପୁନର୍ବାର ଅବସ୍ଥାପିତ ସହ ସ୍ଥାୟୀ କରାଇଦେବା ପାଇଁ ସେମାନେ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ସେମାନେ ତାଙ୍କଠାରୁ ଟଙ୍କା ନେଇଯାଇ ଠକିଛନ୍ତି। ସେ ସେମାନଙ୍କୁ ଟଙ୍କା ଫେରାଇବାକୁ କହିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାଛଡ଼ା ଚାକିରି ଦେବା ଆଳରେ ସେମାନେ ଜିଲା ଓ ଜିଲା ବାହାରର କେତେକ ଲୋକଙ୍କଠାରୁ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି।

### କୁକୁର କାମୁଡ଼ାରେ ୫ ଆହତ

**ବାସୁଦେବପୁର, ୧୬।୧୦ (ଡି.ଏନ.ଏ.):** ବାସୁଦେବପୁର ସହର ନିକଟସ୍ଥ ମାଲୁସାହି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ପାଗଳ କୁକୁର କାମୁଡ଼ାରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗ୍ରାମର ସେକ୍ କାଦିର(୧୭), ରବୀନ୍ଦ୍ର ମହାନ୍ତି(୧୭), ସରୋଜିନୀ ଦାସ(୫୦), ମନୋରମା ସାହୁ(୩୦) ଓ ତାଙ୍କ ପୁତ୍ର ଦିବ୍ୟଜ୍ୟୋତି ସାହୁ(୨)। ଆହତମାନଙ୍କୁ ସନ୍ଧ୍ୟାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଗ୍ରାହକଙ୍କୁ ମାଡ଼ ମାରି ଢାବା ମାଲିକ ଗିରଫ

**ବାସୁଦେବପୁର,୧୬।୧୦ (ଡି.ଏନ.ଏ.):** ଗ୍ରାହକଙ୍କୁ ମାଡ଼ ମାରିବା ଅଭିଯୋଗରେ ବାସୁଦେବପୁର-ଧାମରା ରାସ୍ତାର ନଳବାଙ୍କଠାରେ ଥିବା ଏକ ଢାବାର ମାଲିକ ଚିନ୍ମୟ ଭୋଇଙ୍କୁ ନାୟକାଣିଡିହୀ ଥାନା ପୋଲିସ ବୁଧବାର ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ବ୍ରଜାନନ୍ଦପୁର ଗ୍ରାମର ରମେଶ ଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି ଏହି ଢାବାକୁ ଖାଇବାକୁ ଯାଇଥିଲେ। ଖାଇସାରିବା ପରେ ଟଙ୍କା ନେବା ଦେବାକୁ ନେଇ ଢାବା ମାଲିକ ଚିନ୍ମୟ ଓ ଗ୍ରାହକ ରମେଶଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଚିନ୍ମୟଙ୍କ ମାଡ଼ରେ ରମେଶଙ୍କ ବାମ ହାତ ଭାଙ୍ଗି ଯାଇଥିଲା। ରମେଶଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା(ନଂ. ୧୬୦/୧୯) ରୁଜୁ ହୋଇଥିଲା। ତଦନ୍ତ କରି ବୁଧବାର ଚିନ୍ମୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ମୁଟୁରିଗଡ଼ ପ୍ରାଥମିକ ସ୍କୁଲ ଗୃହ ବିପଦସଙ୍କୁଳ

**ତିହିଡ଼ି,୧୬।୧୦(ଡି.ଏନ.ଏ.)**

- ଦୁଇବର୍ଷ ଧରି ଶ୍ରେଣୀଗୃହରେ ପଡ଼ିଛି ତାଲା
- ବାରଣ୍ଡାରେ ପଢୁଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର
- ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଚେତାବନୀ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ ମୁଟୁରିଗଡ଼ ପ୍ରାଥମିକ ସ୍କୁଲ ଗୃହ ବିପଦସଙ୍କୁଳ ହୋଇଛି। ସ୍କୁଲ ଗୃହର କାନ୍ଥ ଓ ଛାତ ଫାଟି ଯାଇଛି। ଏଭଳି ଅବସ୍ଥାରେ ଶ୍ରେଣୀଗୃହରେ ପଢ଼ିବା ସମ୍ଭବ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ଶିକ୍ଷାଦାନ କରାଯାଉଛି। ଗ୍ରାମବାସୀ ବିଭିନ୍ନ ସମୟରେ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କୌଣସି ସୁଫଳ ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୭୫ରୁ ସ୍ଥାପିତ ହୋଇଥିବା ଏହି ସ୍କୁଲ ଗେଙ୍ଗୁଟି ନଦୀ କୂଳରେ ଅବସ୍ଥିତ। ଏହି ସ୍କୁଲରେ ମୋଟ ୫ଟି ଶ୍ରେଣୀ ରହିଥିବାବେଳେ ୩୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୯୯୮ରେ ବ୍ଲାକବୋର୍ଡ ଯୋଜନାରେ ସ୍କୁଲ ଗୃହ ନିର୍ମାଣ ହୋଇଥିଲା। ୫ଟି ଶ୍ରେଣୀ ପାଇଁ ୨ଟି ଗୃହ ଥିବାବେଳେ ବିପଦସଙ୍କୁଳ ଯୋଗୁ ଦୁଇବର୍ଷ ହେଲା ତାଲା ପଡ଼ି ରହିଛି। ଶିକ୍ଷକମାନେ ବାଧହୋଇ ପିଲାଙ୍କୁ ବାରଣ୍ଡାରେ ପାଠ ପଢ଼ାଉଛନ୍ତି। ବର୍ଷା ଝଡ଼ ସମୟରେ ପିଲାମାନଙ୍କୁ ଅନ୍ୟ ଲୋକଙ୍କ ଘର ବାରଣ୍ଡାରେ ମଧ ପାଠ ପଢ଼ାଯାଉଛି। ସେହିପରି ସ୍କୁଲ ପର୍ଯ୍ୟନ୍ତ ଯିବାକୁ ଗ୍ରାମରୁ ରାସ୍ତା ନାହିଁ। ଫଳରେ ପିଲାମାନେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ସର୍ବଶିକ୍ଷା ଅଭିଯାନରେ ସ୍କୁଲ ପାଇଁ ଅନୁଦାନ ନ ମିଳିବା ପରିତାପର ବିଷୟ ବୋଲି ଅଭିଭାବକ ମହଲରେ କୁହାଯାଉଛି। ଦୀର୍ଘ ଦୁଇବର୍ଷ ହେଲା ଏକ ଉପାନ୍ତ ଅଞ୍ଚଳର ପିଲାମାନେ ଦୟନୀୟ ଅବସ୍ଥାରେ ଶିକ୍ଷା ଗ୍ରହଣ କରୁଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲ ଗୃହ ନିର୍ମାଣ ପାଇଁ ତୁରନ୍ତ ଅନୁଦାନର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଉଦୟନାରାୟଣ ଦାଶଙ୍କୁ ପଚାରିବାରୁ ସ୍କୁଲର ବିପଦସଙ୍କୁଳ ଗୃହ ବାବଦରେ ବିଡିଓଙ୍କୁ ରିପୋର୍ଟ ଦିଆଯାଇଥିବା କହିଛନ୍ତି।

## ‘ଶିକ୍ଷାର ବିକାଶ କ୍ଷେତ୍ରରେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’




କର୍ମଶାଳାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୧୬।୧୦**

ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଦ୍ରକ ଓଡ଼ିଶା ଗାନ୍ଧୀ ବାଳାଶ୍ରମ ପରିସରରେ ଅନୁଷ୍ଠିତ ‘ଶିକ୍ଷାର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା’ ଶୀର୍ଷକ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ଏହି କର୍ମଶାଳାରେ ସଂଯୋଜନା କରିଥିଲେ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ। ଆଇନଜୀବୀ ଗଦାଧର ବଳ ମୁଖ୍ୟଅତିଥି, ପରମାନନ୍ଦ ଦାସ ମୁଖ୍ୟବକ୍ତା ଏବଂ ଭଦ୍ରକ ମାନବାଧିକାର ସୁରକ୍ଷା ସେଲ୍ ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ଜ୍ଞାନପ୍ରକାଶ ପାଣି, ଜଗବନ୍ଧୁ ବେହେରା, ବିଶେଶ୍ୱର ପଟ୍ଟନାୟକ, ଅଶୋକ ମହାପାତ୍ର, ବାଳାଶ୍ରମ ଅଧୀକ୍ଷକ ହୃଷୀକେଶ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିଭଳି ଚଣ୍ଡିଗାଁ, ଚାରିଘରିଆ ବାତ୍ସଲ୍ୟ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ, ଆର୍‌ଏନ୍ ବେତଡା, ଅନ୍ଧ ମୂକ ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ନିଯୁକ୍ତି ପରାମର୍ଶ ଶିବିର ୫୪୫ ଆଶାୟୀ ତାଲିମ ପାଇଁ ମନୋନୀତ

**ଭଣ୍ଡାରିପୋଖରୀ, ୧୬।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଦିନଦୟାଲ ଉପାଧ୍ୟାୟ କୌଶଲ୍ୟ ଯୋଜନା ମାଧ୍ୟମରେ ବୁଧବାର ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ପ୍ରତିଯୋଗିତା ଓ ସଂଘର୍ଷ ବଳରେ ସୁଯୋଗର ସୁବିନିଯୋଗ ହୋଇପାରିବ ବୋଲି କହିଥିଲେ। ବିଡିଓ ବନମାଳୀ ତରାଇ ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ବିଧାୟକ ସାମଲ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଓର୍‌ମାସର ଜିଲା ଦକ୍ଷତା ବିକାଶ ସଂଯୋଜକ ପ୍ରିୟଦର୍ଶନ ଜେନା, ପ୍ରଗତି ସହାୟକ ମୀନକେତନ ବାରିକ, ବ୍ଲକ ସଂଯୋଜିକା କାଞ୍ଚନବାଳା ମଲିକ, ସଞ୍ଜୁଲତା ନାୟକ, ସୀମାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବେରୋଜଗାର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ପାଇଁ ଏଭଳି ନିଯୁକ୍ତି ମେଳାର ଆବଶ୍ୟକତା ଥିବା ସେମାନେ କହିଥିଲେ। ଏହି ନିଯୁକ୍ତି ମେଳାରେ ୬୭୯ ଜଣ ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୧୧ଟି ପ୍ରୋଜେକ୍ଟ ଇମ୍ପ୍ଲିମେଟିଙ୍ଗ ଏଜେନ୍ସି(ପିଆଇଏ) ଦ୍ୱାରା ୫୪୫ଜଣ ଆଶାୟୀ ତାଲିମ ପାଇଁ ମନୋନୀତ ହୋଇଥିବା ଜଣାଯାଇଛି।




‘ହେଲ୍‌ମେଟ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ’ ସଚେତନତା ବାର୍ତ୍ତା ଦେଉଥିବା ବାରୁଆଳି।

## ଗଜଲକ୍ଷ୍ମୀ ପୂଜାରେ ସଚେତନତା ବାର୍ତ୍ତା

**ଭଣ୍ଡାରିପୋଖରୀ, ୧୬।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମ୍‌ରେ ପାଳନ ହେଉଛି। ଚଳିତବର୍ଷ ଏହି ପୂଜା ୨୦ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ମାଳଦା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂଜା ମଣ୍ଡପକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏଠାରେ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି। ମା'ଙ୍କ ପୂଜା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଏହାଛଡ଼ା ପାର୍ଶ୍ୱ ଦେବଦେବୀ, ବାରୁଆଳି ହେଲ୍‌ମେଟ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ, ବିକ୍ରମ ବେତାଳ, ଶ୍ରୀ ରାଧେ ପୁତନା ବଧ, ବସାଇ ନ ଦେବି ନାବ ନ ଧୋଇ ପାଦ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଉଛି।

କର୍ତ୍ତାକର୍ତ୍ତା ଭାବେ ସୁଦୀପ୍ତା ଶତପଥୀ ଓ ଅନିଲ କୁମାର ଶତପଥୀ ଘଟ ଉତ୍ତୋଳନ କରି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ପୂଜାର ବିଭିନ୍ନ ଦିବସରେ ସୋମବାର ଭଜନ ସନ୍ଧ୍ୟା, ମଙ୍ଗଳବାର ଶିଶୁମନ୍ଦିର ପିଲାଙ୍କ ଦ୍ୱାରା ଶିଶୁ ପ୍ରତିଭା ଅନ୍ୱେଷଣ, ବୁଧବାର ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଥିବାବେଳେ ଗୁରୁବାର ପାଲା ଓ ଶୁକ୍ରବାର ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ଆସନ୍ତା ଶନିବାର ବିସର୍ଜନ ହୋଇ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ସଭାପତି କମଳାକାନ୍ତ ସାମଲ, ସମ୍ପାଦକ ରାଜେନ୍ଦ୍ର ଶତପଥୀ, ଚନ୍ଦ୍ରଶେଖର ଦତ୍ତ, ଦେବାଶିଷ ପଣ୍ଡା, ଦୁର୍ଯ୍ୟୋଧନ ଦାସ, ଗଣେଶ କୁଅଁର, ସୁଦାମ ଦାଶ, ଶ୍ୟାମସୁନ୍ଦର ଦାଶ, କାହ୍ନୁ ବାରିକ, ଘନଶ୍ୟାମ ବାରିକ, ଧୀରେନ୍ଦ୍ର



ମାଳଦାଠାରେ ମଣ୍ଡପରେ ପୂଜା ପାଉଛନ୍ତି ମା’ ଗଜଲକ୍ଷ୍ମୀ।

ନାୟକ, ଅଦ୍ୱୈତ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶିଳ୍ପୀ କାଶୀନାଥ ପରିଡ଼ା ତିଆରି କରିଛନ୍ତି। ପୂଜକ ଭାବେ ନନ୍ଦକିଶୋର ତ୍ରିପାଠୀ, କାଳନ୍ଦୀ ଦାଶ ଓ ରବୀନ୍ଦ୍ର କର ପୂଜାର୍ଚ୍ଚନା କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ବ୍ଲକର ଖୋଳମପୁର, ବିରୋଳି, ରହଣିଆ, ଭଣ୍ଡାରିପୋଖରୀ, ପାଟୁଳି, ଛଞ୍ଚିଣା, ମୋବାରକପୁର, ରାଜେନ୍ଦ୍ରପୁରଠାରେ ମା’ ଧନଦାତ୍ରୀଙ୍କ ପୂଜା ଜାକଜମକରେ ପାଳିତ ହେଉଛି।

■ ପକ୍କାଘର ଆବେଦନକାରୀଙ୍କୁ ଉପେକ୍ଷା

## ୧୦୪ ଜଣଙ୍କ ଫଟୋ ଉଠାଗଲା ନାହିଁ

**ବନ୍ତ,୧୬।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବଡବର୍ଚ୍ଛିକୟାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇଁ ୪୭୧ ଜଣ ହିତାଧିକାରୀ ଆବେଦନ କରିଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବେଦନକାରୀଙ୍କ ମଧ୍ୟରୁ ୧୦୪ ଜଣଙ୍କର ଫଟୋ ଉଠାଯାଇ ନ ଥିବାରୁ ଅଶାୟୀ ହିତାଧିକାରୀଙ୍କ ମଧ୍ୟରେ ନାନା ସନ୍ଦେହ ପ୍ରକାଶ ପାଇଛି। ଏ ନେଇ କାଦବରାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେନ୍ଦ୍ରନାଥ ଜେନା ଭଦ୍ରକ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗତ ୨ ବର୍ଷ ତଳେ ୬ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ବଡବର୍ଚ୍ଛିକୟାଁ ପଞ୍ଚାୟତରେ ଚଳିତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ସକାଶେ ଆବେଦନ ଆହ୍ୱାନ କରାଯାଇଥିଲା। ଆପ୍ତିରା ଗ୍ରାମରେ ୮୬, ବଡବର୍ଚ୍ଛିକୟାଁ ଗ୍ରାମରେ ୧୪୮, ବିଶଲକଣାରେ ୯୦, ଜୟସିଂପୁରରେ ୨୮, କୁଶୁନନଗରରେ ୬୩, ରାଉତରାଗଡିଆରେ ୫୬ ଜଣ ଏଥିଲାଗି ଆବେଦନ କରିଥିଲେ । ପରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଆବେଦନକାରୀଙ୍କ ଘରକୁ ଯାଇ ଫଟୋ ଉଠାଇଥିଲେ। କାମ ଚାପ ଯୋଗୁ ଫଟୋ ଉଠା ଦାୟିତ୍ୱ ଅନ୍ୟକୁ ଦିଆଯିବାରୁ ଏଥିରେ ବିଶୃଙ୍ଖଳା ଘଟିଥିଲା। ତେବେ ଆପ୍ତିରା, ରାଉତରାଗଡିଆ ଗ୍ରାମରେ ସମସ୍ତ ଆବେଦନକାରୀଙ୍କର ଫଟୋ ଉଠା ଯାଇଥିବାବେଳେ ବଡବର୍ଚ୍ଛିକୟାଁ ଗ୍ରାମରେ ୪୧, ବିଶଲକଣାରେ ୨୮, ଜୟସିଂପୁରରେ ୧୧, କୁଶୁନନଗରରେ ୬୩ ସମେତ ମୋଟ ୧୦୪ ଆବେଦନକାରୀଙ୍କ ଫଟୋ ଉଠାଯାଇ ନାହିଁ । ଫଟୋ ଉଠାଇବା ଧାର୍ଯ୍ୟ ସମୟ ଗଡ଼ିଯିବାରୁ ଫଟୋ ଅପ୍‌ଲୋଡ ସାଇଟ୍ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କହିଛନ୍ତି, ସାଇଟ୍ ବନ୍ଦ ହୋଇଥିବା କାରଣରୁ ଫଟୋ ଉଠା କାମ ଆଉ ହୋଇପାରିନାହିଁ। ତେବେ ସାଇଟ୍ ଖୋଲିଲେ ଏ ଦିଗରେ ଯାହା କିଛି ପଦକ୍ଷେପ ନିଆଯିବ।

### ବ୍ଲକସ୍ତରୀୟ ଜନଶୁଣାଣି

**ଚାନ୍ଦବାଲି, ୧୬।୧୦ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ସଭାଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏକ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ଯୋଜନାର ବିଭିନ୍ନ ଦିଗ ଓ ହିତାଧିକାରୀ ସମ୍ପର୍କରେ ଆଲୋଚନା ହେବା ସହିତ ମତାମତ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକପ୍ରତିନିଧି, ଜିଆର୍‌ଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଏପିଡି ରାଜେନ୍ଦ୍ର ପଣ୍ଡା, ବିଡିଓ ଶ୍ୟାମସୁନ୍ଦର ଟୁଡୁ, ଅମର କିଶୋର ସାହା, ବିଶ୍ୱରଞ୍ଜନ ପ୍ରଧାନ, ସ୍ନିଗ୍ଧାରାଣୀ ବେହେରା, ଦେବଦତ୍ତ ଜେନା, ସନ୍ତୋଷ କୁମାର ନାୟକ ଓ ପ୍ରତାପ ପାଢୀ ପ୍ରମୁଖ ଯୋଗଦେଇ ଯୋଜନା ଅନ୍ତର୍ଗତ ଜବ୍‌କାର୍ଡ, ମଜୁରି, ବକେୟା, ଜାତୀୟ ଭତ୍ତା ଓ ଅନ୍ନପୂର୍ଣ୍ଣା ଯୋଜନା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ୧୦୮ ଦୀପ ପ୍ରଜ୍ୱଳନ

**ଭଣ୍ଡାରିପୋଖରୀ, ୧୬।୧୦ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମ ଦିବସ ପାଳନ ଅବସରରେ ବୁଧବାର ଭଣ୍ଡାରିପୋଖରୀ ବିଜେଡି ପକ୍ଷରୁ ସ୍ଥାନୀୟ ଶନିମନ୍ଦିରରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଧାୟକ ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ଦୀପ ଜାଳିବା ସହ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ, ହେମନ୍ତ ଜେନା, ଲଳିତ କୁମାର ରାଉତ, ନାଗେଶ୍ୱର ବେହେରା, ସୁରେନ୍ଦ୍ର ଚନ୍ଦ, ପ୍ରଭାକର ରାଉତ, ଦେବେନ୍ଦ୍ର ଦାସ, ଗଗନ ସେଠୀଙ୍କ ସମେତ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ।

## ୩୯୦ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ବିଜେଡି ନେତାଙ୍କ ଗହଣରେ ଜଣେ ରକ୍ତଦାନ କରୁଛନ୍ତି।

**ଭଦ୍ରକ ଅଫିସ, ୧୬।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ବୁଧବାର ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ରକ୍ତବିନ୍ଦୁ ସଂଯୋଜକ ଅଜୟ ନାୟକ, ରାକେଶ ପଣ୍ଡା, ତଥାଗତ ସାମଲ, ପ୍ରୟାସକାନ୍ତି ସାମଲ, ତିହିଡ଼ି ବ୍ଲକ ଚେୟାରମ୍ୟାନ ବିଦ୍ୟୁତ୍‌ଲତା ନାୟକ, ପ୍ରଣୟ ଦାସ, ପ୍ରଦୀପ ମଲ୍ଲିକଙ୍କ ସମେତ ଶତାଧିକ ବିଜେଡି ନେତା ଯୋଗ ଦେଇଥିଲେ। ଶିବିରରେ ୩୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭଦ୍ରକ ବ୍ଲଡ୍‌ବ୍ୟାଙ୍କର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

■ ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

## ଜିଲାପାଳଙ୍କଠାରେ ଫେରାଦ ହେଲେ ଚାଷୀ

**ଭଦ୍ରକ ଅଫିସ,୧୬।୧୦**

ଭଦ୍ରକ ବ୍ଲକ ଚୂଡ଼ାକୁଟି ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରାଯାଇଛି। ଏହି ସମବାୟ ସମିତି ଅଧୀନ ଚୂଡ଼ାକୁଟି, ଦଇପୁର ଓ କଲ୍ୟାଣୀର ଚାଷୀ ବୁଧବାର ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିକଟରେ ଫେରାଦ ହୋଇ ତଦନ୍ତ ଦାବି କରିଛନ୍ତି। ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ସମବାୟ ସମିତିରେ ଧାନ କିଣାଠୁ ଆରମ୍ଭ କରି ରବି ଓ ଖରିଫ୍ ଋଣରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଛି। ସମବାୟ ସମିତିର ସମ୍ପାଦକ ଏଥିରେ ସମ୍ପୃକ୍ତ ଅଛନ୍ତି। ସେ ନିର୍ଦ୍ଦିଷ୍ଟ ଭାବେ ଏକ ନେଟ୍‌ୱାର୍କିଂ ମାର୍କେଟିଂ କମ୍ପାନୀରେ କାମ କରୁଥିବାରୁ ସେବା ସମବାୟ ସମିତିରେ ଅଧିକାଂଶ ସମୟରେ ତାଲା ପଡୁଛି। ଜିଲାପାଳ ଦାସ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ସମିତି ସମ୍ମୁଖରେ ଧାରଣା ଦେବେ ବୋଲି ଚାଷୀମାନେ ସେମାନଙ୍କ ନିଷ୍ପତ୍ତି ଜଣାଇଛନ୍ତି। ଜିଲାପାଳଙ୍କୁ ଭେଟିଥିବା ଏହି ପ୍ରତିନିଧି ଦଳରେ ଦୋଳଗୋବିନ୍ଦ ଜେନା, ବିକାଶ ରାଉତ, ସୁଶାନ୍ତ ସାହୁ, ଶମ୍ଭୁନାଥ ଦାସ, ପୀତାମ୍ବର ସାହୁ, କପିଳ ଜେନା ଓ ପାଗଳ ଜେନା ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଚାଷୀ।

## ପୌରପାଳିକା କାର୍ଯ୍ୟାଳୟ ଘେରାଉ

**ବାସୁଦେବପୁର, ୧୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ନଗର କଂଗ୍ରେସ କମିଟି ପକ୍ଷରୁ ବୁଧବାର ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ସମର୍ଥକ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମଧ୍ୟାହ୍ନରେ ପୌରପାଳିକା କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପୌରପାଳିକାର ବିଭିନ୍ନ ୱାର୍ଡରେ ଥିବା ମୌଳିକ ସମସ୍ୟାର ସମାଧାନ ଓ ସରକାରୀ ଯୋଜନା ଠିକ୍ ଭାବେ ରୂପାୟନ ହେଉ ନ ଥିବା ଅଭିଯୋଗ ଆଣି ନଗର କଂଗ୍ରେସ କମିଟି ଚଳିତ ମାସ ୪ ତାରିଖରେ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲା। ଏହି ଦାବି ପୂରଣ ଦିଗରେ ପ୍ରଶାସନ ଓ ପୌରପାଳିକା ପଦକ୍ଷେପ ଗ୍ରହଣ ନ କରିବା ପ୍ରତିବାଦରେ ବୁଧବାର କାର୍ଯ୍ୟାଳୟ ଘେରାଉ ଆନ୍ଦୋଳନ କରାଯାଇଥିବା ନଗର କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।



ପୌରପାଳିକା ଅଫିସ୍ ଆଗରେ ବିକ୍ଷୋଭ।

ସହର ମଧ୍ୟରେ ବର୍ଷାଜଳ ଜମି ରହିବା, ଉଜ୍ଜ୍ୱଳ ଆଲୋକ ଠିକ୍ ଭାବେ ମରାମତି କରା ନ ଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ଥ ପ୍ରଦାନରେ ଜାଣିଶୁଣି ବିଳମ୍ବ, ସ୍ୱଚ୍ଛସାଥୀ ଓ ସୁପରଭାଇଜର ଚୟନରେ ଚଞ୍ଚକତା, ରାଶନ କାର୍ଡ ପ୍ରସ୍ତୁତିରେ ଜାଲିଆତି ଓ ବିଦ୍ୟୁତ୍ ଖୁଣ୍ଟ ବସାଇବାରେ ଦଳୀୟ ମନୋଭାବ ସହିତ ଅର୍ଥ ଆଦାୟ କରାଯିବା ଆଦି ନେଇ ଅଭିଯୋଗରେ ଦର୍ଶାଯାଇଛି। ନଗର କଂଗ୍ରେସ କମିଟି ଆବାହକତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ଅଶୋକ ଦାସ ଯୋଗଦେଇ ଆଗାମୀ ଦିନରେ ପ୍ରଶାସନ ଓ ପୌରପାଳିକା ଏହି ସମସ୍ୟା ପ୍ରତି ଧ୍ୟାନ ନ ଦେଲେ ଆନ୍ଦୋଳନକୁ ଅଧିକ ଶାଣିତ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ମଧୁମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଓ ରତ୍ନାକର ମଲିକ ପ୍ରମୁଖ ପ୍ରତିବାଦ ସଭାରେ ମତ ରଖିଥିଲେ। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳଙ୍କ ସମେତ ବିଭିନ୍ନ ୱାର୍ଡର ପୂର୍ବତନ କାଉନସିଲର ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ପୌର କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ପରେ ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବି ସମ୍ପର୍କରେ ସେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ସଂକ୍ଷେପରେ

### ସର୍ପଦଂଶନରେ ନାବାଳକ ମୃତ

**ସଜନାଗଡ଼,୧୬।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ସିକିଡ଼ିଆ ଗ୍ରାମର ବେଣୁଧର ସେଠୀଙ୍କ ଚତୁର୍ଥ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ଦୀପକ (୯) ମଙ୍ଗଳବାର ରାତିରେ ଘରେ ଶୋଇଥିବାବେଳେ ଏକ ରଣା ସାପ କାମୁଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ଆଣଇ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେବାକୁ କହିଥିଲେ। ଦୀପକଙ୍କୁ ସ୍ଥାନାନ୍ତର କରାଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।

### ପାରିବାରିକ କଳହକୁ ନେଇ ଯୁବକଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ,୧୬।୧୦:** ବାଲେଶ୍ୱର ସଦର ଥାନା ଅଧୀନ ସାରଗାଁ ପଞ୍ଚାୟତ କାଞ୍ଚିନବାଗ ଗ୍ରାମର କାର୍ତ୍ତିକ ମାଝିଙ୍କ ପୁଅ ଅଜ (୨୨) ବୁଧବାର ପୂର୍ବାହ୍ନରେ ପାରିବାରିକ କଳହକୁ ନେଇ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ନିଶାଦ୍ରବ୍ୟ ବ୍ୟବହାରକୁ ନେଇ ପରିବାରରେ ଗଣ୍ଡଗୋଳ ଓ ଅଶାନ୍ତି ଘଟୁଥିବାରୁ ଅଜୁ ଘର କବାଟ ବନ୍ଦ କରି ନିଜ ମା'ଙ୍କ ଶାଢ଼ୀକୁ ଫ୍ୟାନ୍‌ରେ ଫାଶୀ ଲଗାଇ ଦେଇଥିବା କୁହାଯାଉଛି। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସୋରରେ ମହାଲକ୍ଷ୍ମୀ ପୂଜା

**ସୋର,୧୬।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋରର ମଙ୍ଗଳପୁର, ଅନନ୍ତପୁର, ଟେଣ୍ଟେଇ, ମାଣିପୁର, ଉତ୍ତରେଶ୍ୱର, ମାଟିଆପଦାଛକ, ଥାନାଛକ ଓ ଶରଶଙ୍ଖ ଆଦି ଅଞ୍ଚଳରେ ମହାଲକ୍ଷ୍ମୀଙ୍କ ପୂଜା ପୂଜା ପାଳିତ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମିଥିଲା। ଭଜନ, କୀର୍ତ୍ତନ, ମେଲୋଡ଼ି ଆଦି ଅନୁଷ୍ଠିତ ହୋଇଥିଲା। ଶରଶଙ୍ଖ ଗ୍ରାମ ପୂଜାରେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ କମଳାକାନ୍ତ ଘଡ଼େଇ, ପୂଜା କମିଟିର ସଦସ୍ୟ ଗିରିଧାରୀ ଚରଣ ଦାସ, ରମାକାନ୍ତ ନାୟକ, ସୁରେନ୍ଦ୍ର ମାହାନା, ବଂଶୀଧର ମହାନ୍ତି, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଲଙ୍ଗଳେଶ୍ୱରରେ କଂଗ୍ରେସର ବନ୍ଧୁମିଳନ

**ବାଲିଆପାଳ,୧୬।୧୦(ସ୍ୱ.ପ୍ର):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ଲଙ୍ଗଳେଶ୍ୱରଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ସତ୍ୟଶିବ ଦାସ ଯୋଗଦେଇ କଂଗ୍ରେସ କର୍ମୀମାନେ ଗାଁକୁ ଗାଁ ଯାଇ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା କବିତା ଦାସ, ବସ୍ତା ଯୁବକଂଗ୍ରେସ ସଭାପତି ସୁଧାଂଶୁ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୁବନେତା ରବିନାରାୟଣ ମହାନ୍ତି ମଞ୍ଚ ସଞ୍ଚାଳନା କରିଥିଲେ।

### ୫୮ ବର୍ଷରେ ମାର୍କୋଣାର ମହାଲକ୍ଷ୍ମୀ ପୂଜା

**ସିମୁଳିଆ,୧୬।୧୦(ଡି.ଏନ.ଏ.):** ଶ୍ରୀଶ୍ରୀ ମହାଲକ୍ଷ୍ମୀଙ୍କ ୫୮ତମ ସାର୍ବଜନୀନ ପୂଜା ଉତ୍ସବ ମାର୍କୋଣା ଲକ୍ଷ୍ମୀପୂଜା ମଣ୍ଡପରେ ପାଳିତ ହେଉଛି। ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ୯ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସଭାପତି ଘନଶ୍ୟାମ ଗାହାଣ ସୂଚନା ଦେଇଛନ୍ତି । ମହାଲକ୍ଷ୍ମୀଙ୍କ ସମେତ ପ୍ରଭୁ ଗଣେଶ, କାର୍ତ୍ତିକ ପୂଜା ପାଉଛନ୍ତି। ପାର୍ଶ୍ୱ ମୂର୍ତ୍ତି ରୂପେ ପୌରାଣିକ ନୃସିଂହ ଅବତାର ମଧ୍ୟ ସ୍ଥାନ ପାଇଛନ୍ତି। ପୂଜା ମଣ୍ଡପରେ ସାର୍ବଜନୀନ ପୂଜା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ବେତ କାରୁକାର୍ଯ୍ୟରେ ନିପୁଣ ଶିଳ୍ପୀ ସୁଦର୍ଶନ




ବେତରେ ନିର୍ମିତ ବିଭିନ୍ନ ସାମଗ୍ରୀକୁ ବିକ୍ରୟ ପାଇଁ ରଖିଛନ୍ତି ସୁଦର୍ଶନ।

**ସୋର, ୧୬।୧୦(ଡି.ଏନ.ଏ.)**

ବେତରେ ବିଭିନ୍ନ ସାମଗ୍ରୀ ତିଆରି କରିବା କଳାକୁ ଜୀବିକା ଭାବେ ଆଦରି ନେଇଛନ୍ତି ଶିଳ୍ପୀ ସୁଦର୍ଶନ ବେହେରା (୪୮)। ନୂତନ ଶୈଳୀରେ ସେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଯୁବପିଢି ଚାକିରି ପଛରେ ନ ଗୋଡ଼ାଇ ପାରମ୍ପରିକ କଳାକୁ ଆଦରି କାର୍ଯ୍ୟ କଲେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସେ କହିଛନ୍ତି।

ଶିଳ୍ପୀ ସୁଦର୍ଶନଙ୍କ ଘର ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ବାଇନଣ୍ଡା ମଙ୍ଗରାଜପୁର ଗ୍ରାମରେ। ତାଙ୍କ ମାତା ରକ୍ମିଣି ବେହେରା ଓ ପିତା ଗୋପାଳ ବେହେରା। ସୁଦର୍ଶନଙ୍କୁ ଯେତେବେଳେ ୧୫ ବର୍ଷ ହୋଇଥିଲା ପରିବାରର ଆର୍ଥିକ ପରିସ୍ଥିତି ଲାଗି ଘର ଛାଡ଼ି କଲିକତାକୁ ପଳାଇ ଯାଇଥିଲେ। ସେଠାକାର କାଦୁପଡ଼ାରେ ଜଣେ ବେତ କାରିଗରଙ୍କ ନିକଟରେ ଦୀର୍ଘ ୫ବର୍ଷ ଧରି ବେତ କାମ ଶିଖିଥିଲେ। ପରେ କଲିକତାରୁ ଆସି ନିଜ ଘରେ ରହି ବେତ ଶିଳ୍ପକୁ ଆଗକୁ ବଢାଇବା ଲକ୍ଷ୍ୟରେ ସେ ଏହାକୁ ଜୀବିକା ଭାବେ ଆଦରି ନେଇଥିଲେ। ସ୍ଥାନୀୟ ଅଞ୍ଚଳରେ କଞ୍ଚାମାଲ ଅଭାବ ଯୋଗୁ ସେ କଲିକତା ଯାଇ ବେତ ସଂଗ୍ରହ କରି ଆଣୁଥିଲେ। ପରେ ସେଥିରେ ସୋଫାସେଟଠାରୁ ଆରମ୍ଭ କରି ଡାଇନିଂ ଟେବୁଲ୍, ଫୁଲଦାନି, ଚେୟାର, ଟେବୁଲ, ଡ୍ରେସିଂ ଟେବୁଲ୍, ଫୁଲଡ଼ାଲା, ପଶୁପକ୍ଷୀ ଚିତ୍ର, ଝୁଲଣା ଆଦି ସାମଗ୍ରୀ ପ୍ରସ୍ତୁତି କରି ନିଜ କଳା ପ୍ରତିଭାର ପରିଚୟ ଦେଇଥିଲେ। ତାଙ୍କ ସାମଗ୍ରୀରେ ନୂତନତାର ଝଲକ ଯୋଗୁ ଗ୍ରାହକଙ୍କ ମହଲରେ ଆଦୃତି ଲାଭ କରିଥିଲା। ଏବେ ବେତର ଅଭାବ ଓ ମୂଲ୍ୟବୃଦ୍ଧି ଏହି ସାମଗ୍ରୀ ପ୍ରସ୍ତୁତିରେ ଅନ୍ତରାୟ ସୃଷ୍ଟି କରୁଛି। ଏହାସତ୍ତ୍ୱେ ସେ ବେତ ସଂଗ୍ରହ କରି ଏହି କଳାକୁ ଉଜ୍ଜୀବିତ ରଖିଛନ୍ତି। ପ୍ରଥମେ ବେତକୁ କାଟି ଛୋଟ ବଡ଼ ବିଭିନ୍ନ ଆକୃତିର କଳାକୃତି ପ୍ରସ୍ତୁତ କରୁଛନ୍ତି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଣେ ବେତ କାରିଗର ଭାବେ କାର୍ଯ୍ୟ କରି ନିଜ ପରିବାର ଭରଣପୋଷଣରେ ସମର୍ଥ ହୋଇଛନ୍ତି। ବିଭିନ୍ନ ପୂଜା, ମେଳାରେ ସେ ଷ୍ଟଲ ଖୋଲି ନିଜ କଳାକୃତି ପ୍ରଦର୍ଶନ ସହ ବିକ୍ରି କରିଥାନ୍ତି। ବେତ କାରୁକାର୍ଯ୍ୟର ଜଣେ ସଫଳ ଶିଳ୍ପୀ ଭାବେ ପରିଚୟ ହାସଲ କରିଥିବାରୁ ଏହା ତାଙ୍କୁ ଆତ୍ମ ସନ୍ତୋଷ ଦେଇଛି ବୋଲି କହିଛନ୍ତି। ପ୍ରଶାସନ ତଥା ସରକାରୀ ସ୍ତରରେ ଏଭଳି କଳାକୁ ପ୍ରୋତ୍ସାହନ ମିଳିବା ଦରକାର ବୋଲି ସେ କହିଛନ୍ତି।

# ଡାକ୍ତରଖାନା ଅବ୍ୟବସ୍ଥା ଦେଖିଲେ କେନ୍ଦ୍ରମନ୍ତ୍ରୀ

**ବସ୍ତା,୧୬।୧୦(ସ୍ୱ.ପ୍ର.)**

- ୫୦ ଶଯ୍ୟା ଥାଇ ରୋଗୀଙ୍କୁ ମିଳୁନି ଚିକିତ୍ସାସେବା
- ଡାକ୍ତର ଅଭାବ ମୁଖ୍ୟ ସମସ୍ୟା
- ପରିଷ୍କାର ପରିଚ୍ଛନ୍ନ ରହୁନି ପରିବେଶ
- ଇନ୍‌ଡୋର ରୋଗୀଙ୍କୁ ମିଳୁନି ବେଡଶିଟ୍

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୁଧବାର ଅପରାହ୍ନରେ ଅଚାନକ ବସ୍ତା ହସ୍‌ପିଟାଲ ପରିଦର୍ଶନ କରିଥିଲେ। ତାଙ୍କ ସହ ରଘୁନାଥ ମହାନ୍ତି ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେମାନେ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ଚିକିତ୍ସାଧିକାରୀ ଦେବବ୍ରତ ଜେନାଙ୍କୁ ହସ୍‌ପିଟାଲର ଅଭାବ ଅସୁବିଧା ପଚାରି ବୁଝିଥିଲେ। ବସ୍ତା ହସ୍‌ପିଟାଲରେ ଆବଶ୍ୟକୀୟ ଡାକ୍ତର ପଦବୀ ଫାଙ୍କା ଥିବା ଜାଣି ପାରି କେନ୍ଦ୍ରମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରି ଏ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଡାକ୍ତରଖାନା ଗସ୍ତ ଶୁଣି ହସପିଟାଲ ପରିସର ଲୋକାରଣ୍ୟ ହୋଇଯାଇଥିଲା। ଉପସ୍ଥିତ ଲୋକେ ଆବଶ୍ୟକ ଡାକ୍ତର ନ ଥିବା, ଗର୍ଭବତୀ ମହିଳାଙ୍କ ପ୍ରସବ ଲାଗି ଉପକରଣ ଦିଆଯାଉ ନ ଥିବା, ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଉ ନ ଥିବା ଏବଂ ଆବଶ୍ୟକୀୟ ଔଷଧ ମିଳୁ ନ ଥିବା ଅଭିଯୋଗ କରିଥିଲେ। ୫୦ ଶଯ୍ୟା ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ ଘଣ୍ଟିଆ ଜରୁରୀକାଳୀନ ଡାକ୍ତରୀ ସେବା ମିଳୁ ନ ଥିବା ଦୁର୍ଘଟଣାଗ୍ରସ୍ତ ଓ ଗର୍ଭବତୀ ମହିଳାଙ୍କୁ ଶେଷ ମୁହୂର୍ତ୍ତରେ ବାଲେଶ୍ୱର ମୁଖ୍ୟ ହସପିଟାଲକୁ ପଠାଯାଉଥିବା ଅଭିଯୋଗ ହୋଇଥିଲା। ଖୋଲା ବେଡ଼ରେ ଥିବା କେତେକ ରୋଗୀଙ୍କୁ ବେଡ଼ଶିଟ୍ ଦିଆଯାଉ ନ ଥିବା ଏହି ପରିଦର୍ଶନ ବେଳେ କେନ୍ଦ୍ରମନ୍ତ୍ରୀ ଦେଖିଥିଲେ। ଏ ସମ୍ପର୍କରେ କାର୍ଯ୍ୟରତ ନର୍ସଙ୍କୁ ପଚାରିବାରୁ କେତେକ ରୋଗୀ ବେଡ଼ଶିଟ ଚୋରି କରିନେଇ ଯାଉ ଥିବା କହିବାରୁ ସେଠାରେ ଉପସ୍ଥିତ ଲୋକେ ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ହସପିଟାଲର ବିଭିନ୍ନ ସମସ୍ୟା ନେଇ କେନ୍ଦ୍ର ମନ୍ତ୍ରୀ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି କହିଥିଲେ।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବସ୍ତା ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

# ମଧ୍ୟାହ୍ନଭୋଜନ ଖାଦ୍ୟରୁ ବାହାରିଲା ଝିଟିପିଟି

- ଭୟରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ଛାତ୍ରୀଛାତ୍ର।

**ବାଲେଶ୍ୱର ଅଫିସ,୧୬।୧୦**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପାଳବାଲେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନରେ ଦିଆଯାଇଥିବା ଅଣ୍ଡା ତରକାରିରୁ ଏକ ମଲା ଝିଟିପିଟି ବାହାରିଥିଲା। ଏହାପୂର୍ବରୁ କେତେକ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇ ସାରିଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ଆଶଙ୍କାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆମ୍ବୁଲାନ୍ସ ମଗାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ୧୮ ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଖରାପ ନ ଥିବାର କହିବରୁ ସମସ୍ତଙ୍କୁ ନେଇ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଫେରିଥିଲେ।

## ନୀଳଗିରିରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସ ସମାରୋହ

# ପିଲାଦିନର ଫଟୋଚିତ୍ର ଉନ୍ମୋଚିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିଲାବେଳର ଫଟୋଚିତ୍ର ଉନ୍ମୋଚନ କରାଯାଉଛି।

**ସଜନାଗଡ଼,୧୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବାହ୍ନରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଜିଲାସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଓ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡ ପାଖ ବାଇପାସ୍ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ନୀଳଗିରି ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ ସାଙ୍ଗକୁ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ପରେ ଜେଲ୍‌ରୋଡ୍ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଇଂ. ଜେନା ଓ କର୍ମୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିଲା ବେଳର ଫଟୋଚିତ୍ରକୁ ଉନ୍ମୋଚନ କରାଯାଇଥିଲା। ଏହି ଫଟୋଚିତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ ବୋଲି ଜଣାପଡ଼ିଛି। ଶେଷରେ ବିଜୁ ଜନତା ଦଳ ଏବଂ ଜୀବନ ବିନ୍ଦୁ ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗିରୀଶ ଦାସ, କନିଷ୍କ ବୁଦ୍ଧିସତ୍ତ୍ୱ, କାର୍ତ୍ତିକ ରାୟ, ଗତିକୃଷ୍ଣ ନନ୍ଦ, ବିଜୟ ଲେଙ୍କା, ଶୁଭେନ୍ଦୁ ଜେନା, ତାପସ ପରିଡ଼ା, ବିଜୟ ପ୍ରଧାନ, ସୁନିତି ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସମୁଦ୍ରରେ ଭାସିଯାଇ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ

**ଭୋଗରାଇ,୧୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ସମୁଦ୍ରକୂଳରେ ଜଣେ ବଙ୍ଗୀୟ ପର୍ଯ୍ୟଟକ ବୁଧବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇ ସମୁଦ୍ର ସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି। ନିଖୋଜ ଥିବା ବଙ୍ଗୀୟ ପର୍ଯ୍ୟଟକ ହେଲେ ହିମାଙ୍କର ବେରା (୨୭)। ତାଙ୍କ ଘର ପଶ୍ଚିମବଙ୍ଗ ହୁଗୁଳି ଜିଲା ଚାନ୍ଦତାଲା ଥାନା ଅଧୀନ ଡାନକୁନିରେ ବୋଲି ତାଳସାରୀ ମେରାଇନ୍ ଥାନା ସୂତ୍ରରୁ ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ହିମାଙ୍କର ତାଙ୍କ କେତେଜଣ ସାଙ୍ଗଙ୍କ ସହିତ ତାଳସାରୀ ସମୁଦ୍ରକୂଳ ସୁବର୍ଣ୍ଣଦୀପକୁ ବୁଲିଆସିଥିବା ବେଳେ ସମୁଦ୍ରରେ ଗାଧୋଇବାର ମଜା ନେଉଥିଲେ। କିନ୍ତୁ ପ୍ରଖର ସମୁଦ୍ର ସ୍ରୋତରେ ସେ ଭିତରକୁ ଭାସି ଯାଇଥିଲେ। ସାଙ୍ଗମାନେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଜଣାଇବା ପରେ ତାଳସାରୀ ମେରାଇନ୍ ଥାନାକୁ ଖବର ଦିଆଯାଇଥିଲା। ମେରାଇନ୍ ଥାନା ପକ୍ଷରୁ ମତ୍ସ୍ୟଜୀବୀଙ୍କ ଡଙ୍ଗା ସାହାଯ୍ୟରେ ତଲାସୀ କରାଯାଇ ଥିଲେ ମଧ୍ୟ ହିମାଙ୍କରଙ୍କର କୌଣସି ପତ୍ତା ମିଳି ନ ଥିବା ପୋଲିସ କହିଛି।

# ବାସିଖାଦ୍ୟ ଖାଇ ୮ରୁ ଊର୍ଦ୍ଧ୍ୱ ଶିଶୁ ଗୁରୁତର



ଡାକ୍ତରଖାନାରେ ଚିକିତ୍ସାଧୀନ ଶିଶୁ।

**ଜଳେଶ୍ୱର,୧୬।୧୦**

ବାଲେଶ୍ୱର ଜିଲା ଜଳେଶ୍ୱର ପୁରୁଣିଆ ବଜାର ବାସନ୍ତୀ ପଡ଼ିଆ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘରେ ଗତ ସୋମବାର ସତ୍‌ସଙ୍ଗ ଅନୁଷ୍ଠାନ ହୋଇଥିଲା। ଏଥିରେ ଲୋକମାନେ ପ୍ରସାଦ ଖାଇଥିଲେ। ପରଦିନ ସକାଳେ ବଳକା ଖାଦ୍ୟ ଜଳେଶ୍ୱର ପୌରାଞ୍ଚଳର ୯ନଂ ୱାର୍ଡ଼ ଦେଉଳିପଞ୍ଜୁଘଣ୍ଟା ଗ୍ରାମର ମଙ୍ଗଳାତଳା ଆଦିବାସୀ ଲୋକଙ୍କୁ ଦିଆଯାଇଥିଲା। ସେହି ଖାଦ୍ୟ ଖାଇବା ପରେ ଗ୍ରାମର ୮ରୁ ଊର୍ଦ୍ଧ୍ୱ ଛୋଟ ପିଲାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସପିଟାଲରେ ଚିକିତ୍ସା କରାଯାଇଛି। ବିଷାକ୍ତ ଖାଦ୍ୟ ହୋଇଥିବାରୁ ଏପରି ହୋଇଥିବାର ଡାକ୍ତରମାନେ କହଛନ୍ତି। ଚିକିତ୍ସିତ ହେବା ପରେ ବୁଧବାର ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଆସିଥିବାର ଜଣାପଡ଼ିଛି।

## ମଦମୁକ୍ତି ଅଭିଯାନକୁ ଭଣ୍ଡୁର କରିବାକୁ ଉଦ୍ୟମ

**ଖଇରା,୧୬।୧୦ (ଡି.ଏନ.ଏ.)**



ଭଡ଼ାଘର ସାମ୍ନାରେ ପଡ଼ିଥିବା ମଦ ବୋତଲ।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗୋଳିହା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ସରପଞ୍ଚ ପୁଷ୍ପଲତା ଘଡ଼େଇଙ୍କ ତତ୍ତ୍ୱାବଧାନରେ ଅକ୍ଟୋବର ୨ରୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ମଦ ବିକ୍ରେତାଙ୍କ ଉପରେ ନଜର ରଖିବାକୁ ଅବକାରୀ ବିଭାଗ ଓ ଖଇରା ପୋଲିସକୁ ଅନୁରୋଧ କରାଯାଇଛି। ଏଭଳି ଘଟଣାରେ ଉତ୍ତ୍ୟକ୍ତ ହୋଇ ୪ଜଣ ମଦ ବିକ୍ରେତା ସରପଞ୍ଚଙ୍କୁ ଭୟଭୀତ କରାଇବାକୁ ମଙ୍ଗଳବାର ରାତିରେ ପତିରାଜପୁର ଠାରେ ଥିବା ଭଡ଼ାଘର ଚାରିପାର୍ଶ୍ୱରେ ଶତାଧିକ ଖାଲି ବୋତଲ ଫିଙ୍ଗିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ତାଙ୍କ ପରିବାର ପ୍ରତି ବିପଦ ଥିବା ଦର୍ଶାଇ ସେ ଏକ ଲିଖିତ ଅଭିଯୋଗ ଖଇରା ଥାନା ଅଧିକାରୀ ଲୋପାମୁଦ୍ରା ନାୟକଙ୍କୁ ପ୍ରଦାନ କରିଛନ୍ତି।

# ଖୋଲିଲା ପଳସା ଆର୍‌ଏମ୍‌ସି ହାଟ

**ଖଇରା,୧୬।୧୦(ଡି.ଏନ.ଏ.)**

ଦୀର୍ଘଦିନର ପ୍ରତୀକ୍ଷା ପରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସାଠାରେ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଦ୍ୱାରା ନିର୍ମିତ ସାପ୍ତାହିକ ହାଟ ଖୋଲିଛି। ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ହାଟ ପରିସରରେ ଆୟୋଜିତ ସଭାରେ ଖଇରା ବିଡିଓ ମହେଶ ଚୌଧୁରୀ ପୌରୋହିତ୍ୟ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ହାଟ ମାଧ୍ୟମରେ ଉଭୟ ବ୍ୟବସାୟୀ ଓ ଖାଉଟି ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ସରପଞ୍ଚ ପଙ୍କଜିନୀ ଦାସ ମହାପାତ୍ର, ବ୍ରଜ କିଶୋର ମହାନ୍ତି, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ଲୋପାମୁଦ୍ରା ଧର, ଆରଏମସି ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଶୋକ ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦ୍‌ଘାଟନ ଅବସରରେ ଦାବି ଓ ଚର୍ଚ୍ଚା**

ଉଦ୍‌ଘାଟନ ସଭା ଅବସରରେ ହାଟ ପରିସରରେ ଖାଦ୍ୟ ଶସ୍ୟ ସଂରକ୍ଷଣ ପାଇଁ ନିର୍ମିତ ଗୃହକୁ ଶୀତଳଭଣ୍ଡାରରେ ପରିଣତ କରିବାକୁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଥିଲେ। ଏହା ଦ୍ୱାରା ରବି ଋତୁରେ ବିଲାତି, କୋବି ଆଦି ପନିପରିବାକୁ ସଂରକ୍ଷଣ କରି ରଖାଯାଇ ପାରିବ। ତେବେ ଉଦ୍‌ଘାଟନ ଅବସରରେ ହାଟ ସଂଲଗ୍ନ ରାସ୍ତା କଡରେ ମାଂସ କଟା ଯିବା ଦୃଶ୍ୟ ଦେଖି ଗ୍ରହକମାନେ ନାପସନ୍ଦ କରିଥିଲେ। ଉଲ୍ଲେଖନୀୟ ଯେ, ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ହାଟ ବା ମଣ୍ଡି ଗୃହ ନିର୍ମାଣ ଲାଗି ୧କୋଟି ୫୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏକ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିଲାଗି ୪ବର୍ଷ ଲାଗିଥିଲା। ୨୦୧୪ରେ ନିର୍ମାଣ ସରିଥିଲେ ମଧ୍ୟ ଦୀର୍ଘ ୫ବର୍ଷ ପରେ ଏବେ ହାଟ ଖୋଲାଯିବା ଘଟଣା ନେଇ ଉପସ୍ଥିତ ଗ୍ରାହକମାନେ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କୁ ଦାୟୀ କରୁଥିବଲେ। ଏ ସମ୍ପର୍କରେ ଆରଏମସି ସମ୍ପାଦକ ସୁଶାନ୍ତ ଦାସଙ୍କୁ ପଚାରିବାରୁ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ଯୋଗୁ ଏଭଳି ବିଳମ୍ବ ଘଟିଛି ବୋଲି କହିଛନ୍ତି।



ହାଟ ଆରମ୍ଭ ଅବସରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜଣେ ଦୋକାନୀଙ୍କ ପାଖରୁ ଜିନିଷ କିଣୁଛନ୍ତି।

